**01'O'(A)**

# ORIYA, Paper-I

*(First language)*

**Parts A and B**

**Time : 2 hours 45 min.]** **[Maximum Marks : 40**

**ସୂଚନା :**

1. ପ୍ରଥମ **15** ମିନିଟ୍ ସମୟ କେବଳ ପ୍ରଶ୍ନ ପତ୍ରଟି ପଢ଼ିବା ପାଇଁ ଉଦ୍ଦିଷ୍ଟ ।
2. **Part - A** ର ପ୍ରଶ୍ନ ଗୁଡ଼ିକର ଉତ୍ତର ତୁମକୁ ଦିଆଯାଇ ଥିବା ଉତ୍ତର ଖାତାରେ ଲେଖ ।
3. **Part - B** ର ପ୍ରଶ୍ନ ଗୁଡ଼ିକର ଉତ୍ତର ପ୍ରଶ୍ନ ପତ୍ରର ସୂଚିତ ସ୍ଥାନରେ ଲେଖ ।

## Part-A

**Time : 2 hours** **Marks : 30**

**I.** **ବୋଧ- ଅନୁଚିନ୍ତନ ।** **12**

**1.** ଯେ କୌଣସି **ଗୋଟିଏ** ପଦ୍ୟାଂଶର ପ୍ରତି ପଦାର୍ଥ ଲେଖ । *1×4=4*

ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶ ଶିର
ବରଗିଲା ସେ ଶୁକ ସାରଣ କରି ଚାର ଯେ ।
ବିଭୀଷଣେ କହ ଜ୍ୟେଷ୍ଠ ଭ୍ରାତା ପିତାସରି
ବୁଝି ନ ବୁଝି କୋପି ତା ବାଣୀ ପିତା· କରି ଯେ ।

**କିମ୍ବା**

ଛିନ୍ନ କରରେ ବନ୍ଧନ ରାଜି
କ୍ରନ୍ଦନ ହେଉ ଶେଷ ।
ଲୁପ୍ତ ହେଉରେ ଜାତି ଉପଜାତି
ଖଣ୍ଡିତ ଶତ ଦେଶ ।
ମହା ମାନବର ଶଙ୍ଖ ଶବଦେ ଶମୁରେ ଦୁଃଖ ଜ୍ୱାଳା
ଜାଗ ବନ୍ଧନ ହରା ।

2. ଯେ କୌଣସି **ଗୋଟିଏ** *ପଦ୍ୟାଂଶ* ପୂରଣ କରି, ସରଳାର୍ଥ ଲେଖ । *1×4=4*

ଭାଲେରି ଶିଖରେ .......................

.........................................

.........................................

...................... ଚ୍ଛିଳିକା ମାରୁତ ।

**କିମ୍ବା**

ଧନ୍ୟ ରଥେ! ..........................

.........................................

.........................................

...................... ତୁମ୍ଭେ ଆୟୁଷ୍ମାନ ।

3. ନିମ୍ନୋକ୍ତ ପରିଚିତ *ଗଦ୍ୟାଂଶଟି* ପଢ଼ି, ଦିଆ ଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ । *4×1=4*

ଗାନ୍ଧିଜୀ ଓ ରବୀନ୍ଦ୍ରନାଥ ମାତୃ ଭାଷା ସମ୍ପର୍କରେ ଯାହା କହୁଥିଲେ, ସେମାନେ ଯେ କେବଳ ଜାତୀୟତା ସ୍ରୋତରେ ଭାସିଯାଇ କହୁଥିଲେ ତା' ନୁହେଁ । ସେମାନଙ୍କର ଦୃଷ୍ଟିକୋଣ ଥିଲା ଖୁବ୍ ପ୍ରାକ୍ଟିକାଲ । ଶିକ୍ଷା ବିଷୟ ନେଇ ଯେତେ କମିଟି ବସିଥିଲା, ଯଥା ତାରାଚାନ୍ଦ କମିଟି, ମୁଦାଲିୟର କମିଟି, ରାଧାକୃଷ୍ଣ କମିଟି ଓ ଜାକିର ହୁସେନ କମିଟି ସମସ୍ତେ ସମସ୍ୱରରେ କହିଥିଲେ ମାତୃଭାଷା ଶିକ୍ଷା ସବୁ ଶିକ୍ଷାର ମୂଳମନ୍ତ୍ର, କିନ୍ତୁ ଲକ୍ଷ୍ୟ କରିବାର କଥା-ଇଂରାଜୀ ଭାଷା ଏ ଜାତି ଉପରେ କି ଇନ୍ଦ୍ରଜାଲ ସୃଷ୍ଟି କରିଛି, ଏ ପର୍ଯ୍ୟନ୍ତ ଏତେ ଝଡ଼ଝଞ୍ଜା ଭିତରେ ମଧ୍ୟ ମାତୃଭାଷା ପ୍ରତି ଆମର ସମ୍ମାନ ଆସି ନାହିଁ ।

**ପ୍ରଶ୍ନ :-**

(କ) ମାତୃଭାଷା ସଂପର୍କରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଦୃଷ୍ଟିକୋଣ କିପରି ଥିଲା?

(ଖ) ଶିକ୍ଷା ବିଷୟ ନେଇ କେଉଁ କେଉଁ କମିଟି ବସିଥିଲା?

(ଗ) ବିଭିନ୍ନ ଶିକ୍ଷାକମିଟି କି ମନ୍ତବ୍ୟ ଦେଇଥିଲେ?

(ଘ) ପ୍ରଦତ୍ତ ଅନୁଚ୍ଛେଦଟି କେଉଁ ପାଠ୍ୟରୁ ଗୃହୀତ?

II. **ବ୍ୟକ୍ତୀକରଣ ଓ ସୃଜନଶୀଳ ପରିପ୍ରକାଶ ।** 18

✱ ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଚାରି କିମ୍ବା ପାଞ୍ଚ ଧାଡ଼ିରେ ଲେଖ ।

4. ଆଦି କବି ସାରଳା ଦାସଙ୍କ ପରିଚୟ ପ୍ରଦାନ କର । $4\times2=8$

5. ନରେନରୁ ବିବେକାନନ୍ଦ ପ୍ରବନ୍ଧର ପୃଷ୍ଠଭୂମି ସମ୍ପର୍କରେ ଲେଖ ।

6. ସର୍ବଂସହା ମାଟିକୁ ମା ସହିତ କବି କାହିଁକି ତୁଳନା କରିଛନ୍ତି?

7. ଭାରତୀୟ ସଭ୍ୟତାର ଆଦର୍ଶ କଣ ବୁଝ?

✱ ନିମ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ଦଶ କିମ୍ବା ବାର ଧାଡ଼ିରେ ଲେଖ: $2\times5=10$

8. ଶ୍ରୀ ରାମଚନ୍ଦ୍ର ଲଙ୍କା ଯାତ୍ରା ପାଇଁ କି ଯୋଜନା କରିଥିଲେ, ପଠିତ କବିତାକୁ ଅନୁସରଣ କରି ନିଜ ଭାଷାରେ ଲେଖ?

**କିମ୍ବା**

ବାଲ୍ମିକୀ ଆଶ୍ରମର ପ୍ରଭାତ କାଳୀନ ଦୃଶ୍ୟ ନିଜ ଭାଷାରେ ବର୍ଣ୍ଣନା କର?

9. ଜନ୍ମ ଭୂମିର କେଉଁ ସବୁ ସ୍ମୃତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ବ୍ୟଥିତ କରିଛି ନିଜ ଭାଷାରେ ଲେଖ?

**କିମ୍ବା**

ବିବେକାନନ୍ଦଙ୍କ ଜୀବନ କିପରି ସଂଘର୍ଷମୟ ଥିଲା, ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

---

**01'O'(B)**

# ORIYA, Paper-I

*(First language)*

**Parts A and B**

**Time : 2 hours 45 min.]** **[Maximum Marks : 40**

ସୂଚନା :

1. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ବନ୍ଧନୀ ମଧ୍ୟରେ ଲେଖ ।
2. **Part - B** ସମ୍ପର୍କିତ ଉତ୍ତର ଗୁଡ଼ିକୁ ନିର୍ଦ୍ଦେଶିତ ସ୍ଥାନରେ ଲେଖି **Part - A** ଉତ୍ତର ଖାତା ସହ ସଂଲଗ୍ନ କର ।
3. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ $\frac{1}{2}$ ମାର୍କ ।

## Part-B

**Time : 30 minutes** **Marks : 10**

**III. ଭାଷା ପ୍ରକରଣ (ଶବ୍ଦ ଭଣ୍ଡାର, ବ୍ୟାକରଣ)** $20 \times \frac{1}{2} = 10$

**1.** ତାଙ୍କ କଣ୍ଠ କବି ସୂର୍ଯ୍ୟ-ଗୀତା ମୃତ
ଦୂରୁଁ ବହି ଆଣେ ଚିଲିକା-ମାରୁତ,
ରେଖାଙ୍କିତ ପଦଟିର ଅର୍ଥ ଏହା ହେବ- [ ]

(1) ଜଳ (2) ମାଟି
(3) ପବନ (4) ଅଗ୍ନି

**2.** ମୋର ଜନ୍ମଭୂମି ହିଁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ।
ରେଖାଙ୍କିତ ପଦଟିର ଅର୍ଥ ଏହା ହେବ - [ ]

(1) ମାଉସୀ (2) ଧାଈ
(3) ଶିକ୍ଷୟତ୍ରୀ (4) ଶାଶୂ

**3.** ପୂର୍ବ ଦିଗରେ ମତ୍ସ୍ୟ ଜୀବୀମାନଙ୍କର ତରଣୀ ଗୁଡ଼ିକ ଚିତ୍ରପ୍ରାୟ ଭ୍ରମ ସୃଷ୍ଟି କରୁଛନ୍ତି । [ ]
ରେଖାଙ୍କିତ ଶବ୍ଦଟିର ଦୁଇଟି ପ୍ରତିଶବ୍ଦ -

(1) ସମୁଦ୍ର, ନାବ (2) ନୌକା, ସିନ୍ଧୁ
(3) ମୀନ, ନାବ (4) ନୌକା, ନାବ

4. ପ୍ରତି କଥାରେ ରୋଷ କରିବା ଅନୁଚିତ ।
   ରେଖାଙ୍କିତ ପଦଟିର ଦୁଇଟି ପ୍ରତିଶବ୍ଦ - [ ]
   (1) ଦ୍ୱେଷ, କପଟ (2) କ୍ରୋଧ, ଶାନ୍ତି
   (3) ରାଗ, କ୍ରୋଧ (4) ହିଂସା, ଦ୍ୱେଷ

5. ଶଙ୍କିତ ହେଉ କଂପିତ ପ୍ରାଣେ, ଚନ୍ଦ୍ର ତପନ ତାରା ।
   ରେଖାଙ୍କିତ ପଦଟିର ଦୁଇଟି ପ୍ରତିଶବ୍ଦ - [ ]
   (1) ରବି, ନକ୍ଷତ୍ର (2) ରବି, ସୂର୍ଯ୍ୟ
   (3) ରବି, ନିଶା (4) ରବି, ଶଶି

6. ମୋ ଅଜା ମଞ୍ଜୁଷା ଗଲେ । [ ]
   ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଶବ୍ଦ ଏହା ହେବ -
   (1) ଗାଇ (2) ମଇଁଷି
   (3) ମେଣ୍ଢା (4) ଛେଳି

7. ଗୁରୁଜନମାନଙ୍କ କଥା ମାନି ଚ଼ଳ । [ ]
   ରେଖାଙ୍କିତ ପଦଟିର ଭିନ୍ନାର୍ଥ ବୋଧକ ଶବ୍ଦ ଏହା ହେବ -
   (1) ସାନ (2) ମଧ୍ୟମ
   (3) ଶ୍ରେଷ୍ଠ (4) ଭଲ

8. ମାନଗୋବିନ୍ଦ ଅଶ୍ୱତ୍ଥାମାଙ୍କୁ ବହୁତ ପ୍ରଶଂସା କରିଥିଲେ । [ ]
   (ରେଖାଙ୍କିତ ପଦଟିର ବିପରୀତ ଶବ୍ଦ ଏହା ହେବ)
   (1) ସ୍ତୁତି (2) ଶ୍ରଦ୍ଧା
   (3) ପ୍ରେମ (4) ନିନ୍ଦା

9. ସବୁ ବେଳେ ଆମେ ଜାଗ୍ରତ ରହିବା ଉଚିତ । [ ]
   ରେଖାଙ୍କିତ ପଦଟିର ବିପରୀତ ଅର୍ଥ ଏହା ହେବ -
   (1) ଚଞ୍ଚଳ (2) ବ୍ୟଗ୍ର
   (3) ସୁପ୍ତ (4) ଧୃତ

10. ଭାରତୀୟ ସଭ୍ୟତାର ଆଦର୍ଶ ଥିଲା ତ୍ୟାଗ ଓ ଆତ୍ମସଂଯମ ।
ରେଖାଙ୍କିତ ପଦଟିର ପ୍ରକୃତି ପ୍ରତ୍ୟୟ ଏହା ହେବ - [ ]

(1) ଭାରତି + ଯ
(2) ଭାରତୀ + ଯ
(3) ଭାରତ + ଈୟ
(4) ଭାରତି + ଈୟ

11. ଅଙ୍ଗଦ ବଜ୍ରାଘାତ ସମ ଚାପୁଡ଼ା ମାରିଲେ ।
ରେଖାଙ୍କିତ ପଦଟିର ସଠିକ ସନ୍ଧି ଏହା ହେବ - [ ]

(1) ବଜ୍ର + ଆଘାତ
(2) ବଜ୍ରା + ଘାତ
(3) ବଜ୍ର + ଘାତ
(4) ବଜାର + ଘାତ

12. ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥ ।
ରେଖାଙ୍କିତ ପଦଟିର ଶୁଦ୍ଧରୂପ ଏହା ହେବ - [ ]

(1) ଜୋଗନାଥ
(2) ଜଗୋନାଥ
(3) ଜଗନ୍ନାଥ
(4) ଜଗନାଥେ ।

13. ''ଷତ୍ୱ'' ବିଧି ଏହାକୁ କୁହାଯାଏ । [ ]

(1) 'ସ' ସ୍ଥାନରେ 'ଷ'
(2) ''ଶ'' ସ୍ଥାନରେ ''ସ''
(3) ''ଷ'' ସ୍ଥାନରେ ''ସ''
(4) 'ସ' ସ୍ଥାନରେ 'ଶ'

14. The Chilika is a lake in India.
(ଏହି ବାକ୍ୟଟିକୁ ଓଡ଼ିଆରେ ଅନୁବାଦ କଲେ ଏହା ହେବ ।) [ ]

(1) ଚିଲିକା ଭାରତର ଏକ ନଦୀ ।
(2) ଚିଲିକା ଭାରତର ଏକ ହ୍ରଦ ।
(3) ଚିଲିକା ଭାରତର ଏକ ପ୍ରପାତ ।
(4) ଚିଲିକା ଭାରତର ଏକ ସମୁଦ୍ର ।

15. ଉତ୍କଳ-କମଳା-ବିଳାସ-ଦୀର୍ଘିକା, [ ]
ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକା ।
ଏହି ପଦ୍ୟାଂଶଟି କେଉଁ ଛାନ୍ଦର ଉଦାହରଣ ।
(1) ନଟବାଣୀ (2) ଚୋଖି
(3) ବଙ୍ଗଳାଶ୍ରୀ (4) ଶଙ୍କରାଭରଣ

16. କେଉଁ ଛନ୍ଦରେ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କୋଡ଼ିଏ ଥାଏ । [ ]
(1) ଶଙ୍କରାଭରଣ (2) ବଙ୍ଗଳାଶ୍ରୀ
(3) ରାମକେରୀ (4) ଚକ୍ରକେଳି

17. ପ୍ରାଣୀର 'ଭଲ' ମନ୍ଦ ବାଣୀ,
ମରଣ 'କାଳେ' ତାହା ଜାଣି । [ ]
ଉପରୋକ୍ତ ପଦ୍ୟାଂଶଟି ଏହି ଛନ୍ଦର ଉଦାହରଣ ଅଟେ ।
(1) ଭାଗବତ ବାଣୀ (2) ଦାଣ୍ଡି
(3) ନଟବାଣୀ (4) ଶଙ୍କରାଭରଣ

18. ପଦ ମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନବର୍ଣ୍ଣ ବାରମ୍ବାର ଉଚ୍ଚାରିତ ହେଲେ
ଏହି ଅଳଙ୍କାର ହୁଏ । [ ]
(1) ଉପମା (2) ଅନୁପ୍ରାସ
(3) ଉତ୍ପ୍ରେକ୍ଷା (4) ଯମକ

19. ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ [ ]
ବିହର କାନନ କର ଆଲିଙ୍ଗନକୁ ।
ଏହା କେଉଁ ଅଳଙ୍କାରର ଉଦାହରଣ
(1) ଉପମା (2) ଉତ୍ପ୍ରେକ୍ଷା
(3) ଶ୍ଳେଷ (4) ଯମକ

20. ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା ବା ତର୍କଣା କରା ଗଲେ ଏହି ଅଳଙ୍କାର ହୁଏ । [ ]
(1) ଯମକ (2) ଉପମା
(3) ରୂପକ (4) ଉତ୍ପ୍ରେକ୍ଷା